# ସାହିତ୍ୟ ଅକାଦେମି ପୁସ୍ତକ ବିକ୍ରୟକେନ୍ଦ୍ର ଉଦ୍‌ଘାଟିତ

# 'ଜାତିର ପ୍ରାଣ ହେଉଛି ସାହିତ୍ୟ'



ଭୁବନେଶ୍ୱର, ୨୮।୨(ଆ.ପ୍ର): ରାଜ୍ୟ ସଂଗ୍ରହାଳୟ ପରିସରରେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଏକ ପୁସ୍ତକ ବିକ୍ରୟ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଠାରେ ୨୪ଟି ଭାଷାର ପୁସ୍ତକ ଉପଲବ୍ଧ ହେବ। ଓଡ଼ିଶା ସାଙ୍ଗକୁ ବିଭିନ୍ନ ରାଜ୍ୟର ପୁସ୍ତକ ଏହି କେନ୍ଦ୍ରରେ ରହିବ। ସେହିପରି ସଂଗ୍ରହାଳୟ ପରିସରରେ ଏକ ଆଦିବାସୀ କେନ୍ଦ୍ର ଖୋଲିବ। ସଂସ୍କୃତି ବିଭାଗ ପକ୍ଷରୁ ଗୃହ ଯୋଗାଇ ଦିଆଯିବ। ଦିଲ୍ଲୀଠାରେ ଥିବା ଏହି ଆଦିବାସୀ କେନ୍ଦ୍ରକୁ ଏଠାକୁ ସ୍ଥାନାନ୍ତର କରାଯିବ। ପୁସ୍ତକ ବିକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରି ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ରଥ କହିଲେ ଯେ, ଜାତିର ପ୍ରାଣ ହେଉଛି ସାହିତ୍ୟ। ଦୈନନ୍ଦିନ ଜୀବନର ପ୍ରବେଶ ଦ୍ୱାର ବି ସାହିତ୍ୟ। ଏହାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସମ୍ପ୍ରତି ବହି ଦୋକାନ କମିଥିବାବେଳେ ଅଧିକ ଗହଣା ଏବଂ ମୋବାଇଲ ଦୋକାନ ଖୋଲୁଛି। ଏବେଠୁ ଆମକୁ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଅକାଦେମିର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନ୍ୟ ଅତିଥିଙ୍କ ମଧ୍ୟରେ କଲକାତା ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ, ଦିଲ୍ଲୀର ସଚିବ କେ. ଶ୍ରୀନିବାସ ରାଓ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଯୋଗଦେଇଥିଲେ।

## ସାହିତ୍ୟ ଅକାଦେମିର ପୁସ୍ତକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

# ସାହିତ୍ୟର ସ୍ୱର ଗୋଟିଏ: ରମାକାନ୍ତ ରଥ


ଭୁବନେଶ୍ୱର, ୧୮।୨(ଇମିସ): ବିଭିନ୍ନ ଭାଷାରେ ସାହିତ୍ୟ ଲେଖା ହୁଏ ସତ, କିନ୍ତୁ ତା'ର ସ୍ୱର ଗୋଟିଏ। ଭକ୍ତିଭାବ ଆସିଲେ, ସବୁ ଭାଷାରେ ସାହିତ୍ୟ ଲେଖା ହୋଇପାରିବ। ରାଜ୍ୟ ସଂଗ୍ରହାଳୟ ପରିସରରେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଖୋଲା ଯାଇଥିବା ପୁସ୍ତକ ବିକ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରି ଏପରି କହିଛନ୍ତି ପ୍ରଖ୍ୟାତ କବି ତଥା ଅକାଦେମିର ପୂର୍ବତନ ସଭାପତି ରମାକାନ୍ତ ରଥ। ସାହିତ୍ୟ ଅକାଦେମିର ଉପଦେଷ୍ଟାମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ରଥ ଆହୁରି କହିଲେ, ଆଜିର ଡିଜିଟାଲ ଯୁଗରେ ବହି ଦୋକାନ ସଂଖ୍ୟା କମି କମି ଯାଉଛି। ଆଗରୁ କଟକ ରେଭେନ୍ସା କଲେଜ ଛକରେ ଯେଉଁ ସ୍ଥାନରେ ବହି ଦୋକାନ ଥିଲା, ଏବେ ସେଠି ମୋବାଇଲ୍ ଦୋକାନ ଓ ଅନ୍ୟ ଦୋକାନ ଖୋଲି ଗଲାଣି। କିନ୍ତୁ ଏପରି ସ୍ଥିତିରେ ସାହିତ୍ୟ ଅକାଦେମି ପକ୍ଷରୁ ଓଡ଼ିଶାରେ ଏକ ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିବା ନିହାତି ଭାବେ ଉତ୍ସାହଜନକ।



ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କରୋନା ସମୟରେ ଅକାଦେମି ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ, ଆଜି ଓଡ଼ିଶାରେ ଅକାଦେମି ପକ୍ଷରୁ ଏକ ବିକ୍ରୟ କେନ୍ଦ୍ର ଖୋଲାଗଲା। ଅକାଦେମିର କାର୍ଯ୍ୟାଳୟ ନଥାଇ ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିବାରେ ଓଡ଼ିଶା ପ୍ରଥମ। ତେବେ ରାଜ୍ୟ ସଂଗ୍ରହାଳୟରେ ଖୁବ୍ ଶୀଘ୍ର ଏକ ଆଦିବାସୀ କେନ୍ଦ୍ର ମଧ୍ୟ ଖୋଲାଯିବ। ସେଠାରେ ଆଦିବାସୀମାନଙ୍କ ଉନ୍ନତି, ଅଗ୍ରଗତି ପାଇଁ ଉକ୍ତ କେନ୍ଦ୍ର କାର୍ଯ୍ୟ କରିବ ବୋଲି ଶ୍ରୀ ରାଓ ସୂଚନା ଦେଇଥିଲେ।

ଅକାଦେମିର ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ଆବାହକ ଡ. ସିଂହ କହିଲେ, ଆଜି ଓଡ଼ିଶାରେ ସାହିତ୍ୟ ଅକାଦେମି ପକ୍ଷରୁ ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲା ଯାଇଥିବାରୁ ଆମେ ଗର୍ବିତ। ବିନା କାର୍ଯ୍ୟାଳୟରେ ଅକାଦେମି ପକ୍ଷରୁ ରାଜ୍ୟରେ ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲାଯିବା ଭାରତ ବର୍ଷରେ ଇତିହାସ ସୃଷ୍ଟି କରିଛି। ଓଡ଼ିଶା ଭାଷା, ସଂସ୍କୃତି, ସାହିତ୍ୟ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଯାହାକୁ ଶୋଷ ହୁଏ, ସେ ଖୋଜିଖୋଜି ପାଣି ପାଖକୁ ଯାଇଥାଏ। କିନ୍ତୁ ଏଠି ପାଣି ଖୋଜି ଖୋଜି ଶୋଷ ପାଖରେ ପହଞ୍ଚିଛି। ଏଠି ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିବା ପରେ ସାହିତ୍ୟ ଅକାଦେମିର କାର୍ଯ୍ୟାଳୟ ଯଥାଶୀଘ୍ର ଖୋଲିବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟ ସଂଗ୍ରହାଳୟରେ ଏକ କାଫେଟେରିଆ ଖୋଲିବା ପାଇଁ ଯୋଜନା କରାଯାଉଥିବା ନେଇ ଶ୍ରୀ ଦାଶ ସୂଚନା ଦେଇଥିଲେ। ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଏଠାରେ ଅକାଦେମିର ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିବା ଓଡ଼ିଶା ପାଇଁ ଗର୍ବର ବିଷୟ। କାର୍ଯ୍ୟକ୍ରମରେ ଆୟକର ବିଭାଗର ଆୟୁକ୍ତ ମନୋରଂଜନ ପ୍ରାଣିଗ୍ରାହୀ, ସାହିତ୍ୟିକ ବିଭୂତି ପଟ୍ଟନାୟକ, ଅସିତ ମହାନ୍ତି, ଦେବୀପ୍ରସନ୍ନ ପଟ୍ଟନାୟକ, ଫନୀ ମହାନ୍ତି, ବସନ୍ତ ପଣ୍ଡା, ବିଷ୍ଣୁପ୍ରିୟା ଓତା, ସୁଶାନ୍ତ କୁମାର ନାୟକ, ଅମରେଶ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ଶ୍ୟାମ ଭୋଇ, ପ୍ରଦୀପ କୁମାର ପଣ୍ଡା, କ୍ଷେତ୍ରବାସୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ଅକାଦେମିର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ଧନ୍ୟବାଦ ଦେଇଥିଲେ।

# ଖୋଲିଲା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁସ୍ତକ ବିକ୍ରୟ କେନ୍ଦ୍ର




ଭୁବନେଶ୍ୱର,୧୮।୨(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପୁସ୍ତକ ବିକ୍ରୟ କେନ୍ଦ୍ର ରାଜ୍ୟ ସଂଗ୍ରହାଳୟ କ୍ୟାମ୍ପସ୍‌ରେ ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ର ଓଡ଼ିଆ ସାହିତ୍ୟର ବିକାଶ ପାଇଁ କାମ କରିବ। ଏଥିରେ ଭାରତବର୍ଷର ୨୪ ଭାଷାର ବିଭିନ୍ନ ବହି ଉପଲବ୍ଧ ହେବ। ଏଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବହି ବିକ୍ରି କରାଯିବ। ଏହା

## ୨୪ଟି ଭାଷାର ପୁସ୍ତକ ବିକ୍ରୟ ହେବ

ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଭାଷାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କେ.ଶ୍ରୀନିବାସ ରାଓ କହିଛନ୍ତି। ପ୍ରଖ୍ୟାତ କବି ତଥା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ରମାକାନ୍ତ ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଲେ ଯେ ଭାରତର ସଂସ୍କୃତି ଓ ସାହିତ୍ୟ ଏକ। କିନ୍ତୁ ଭାଷା ଭିନ୍ନ। ସେଥିପାଇଁ ଭକ୍ତିଭାବ ଆସିଲେ ସବୁ ଭାଷାରେ ସାହିତ୍ୟ ଲେଖା ହୋଇପାରିବ।

ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପଦେଷ୍ଟା ମଣ୍ଡଳୀ ଆବାହକ ଡ.ବିଜୟାନନ୍ଦ ସିଂହ ସଭାପତିତ୍ୱ କରି କହିଲେ ଯେ ଏହି କେନ୍ଦ୍ର ହେବା ଦ୍ୱାରା ଅନେକ ଦିନର ଦାବି ପୂରଣ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି କେନ୍ଦ୍ର ଦ୍ୱାରା ସାହିତ୍ୟ ଓ ସଂସ୍କୃତିର ଅଧିକ ବିକାଶ ହେବ। ରାଜ୍ୟ ସଂଗ୍ରହାଳୟରେ ଏକ କ୍ୟାଫେଟେରିଆନ ଖୋଲିବା ପାଇଁ ଯୋଜନା କରାଯାଉଛି। ତା'ସହିତ ଛୋଟପିଲାଙ୍କ ପାଇଁ ଡଲ୍ ଗ୍ୟାଲେରୀ ଖୋଲାଯିବାକୁ ଯୋଜନା ରହିଛି। ଆଦିବାସୀଙ୍କ ସାମୂହିକ ଓ ସାଂସ୍କୃତିକ ବିକାଶ ପାଇଁ ଦିଲ୍ଲୀଠାରେ ଥିବା ଆଦିବାସୀ କେନ୍ଦ୍ରକୁ ଭୁବନେଶ୍ୱର ଅଣାଯିବ। ରାଜ୍ୟ ସଂଗ୍ରହାଳୟରେ ଖୁବ୍‌ଶୀଘ୍ର ଆଦିବାସୀ କେନ୍ଦ୍ରର ପୂର୍ବାଞ୍ଚଳ ଶାଖା ରହିବ। ରାଜ୍ୟ ସଂଗ୍ରହାଳୟର ଅଧକ୍ଷା ଭାଗ୍ୟଲିପି ମଲ୍ଲ ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିବା ଉନ୍ନୟନ ଓ ସଂଯୋଗର ବିକାଶ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିଲା ତାହା ଓଡ଼ିଶା ପାଇଁ ଗର୍ବର ବିଷୟ। ସାହିତ୍ୟ ଏକାଡେମୀ ଆଞ୍ଚଳିକ ସଚିବ ଡ.ଦେବେନ୍ଦ୍ର କୁମାର ତ୍ରିବେଦୀ ଧନ୍ୟବାଦ ଦେଇଥିଲେ।

ଉଦ୍‌ଘାଟନ ଉତ୍ସବରେ ଆୟକର ବିଭାଗ ଲୋକାଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ବିଭୂତି ପଟ୍ଟନାୟକ, ଅସିତ ମହାନ୍ତି, ଦେବୀ ପଟ୍ଟନାୟକ, ଫନୀ ମହାନ୍ତି, ବସନ୍ତ ପଣ୍ଡା, ବିଷ୍ଣୁପ୍ରିୟା ହେତା, ସୁଶାନ୍ତ କୁମାର ନାୟକ, ଅମରେଶ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ଡ.ଶ୍ୟାମ ଭୋଇ, ଡ.ପ୍ରଣବ କୁମାର ପଣ୍ଡା, କ୍ଷେତ୍ରବାସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ସାହିତ୍ୟ ଏକାଡେମୀର ପୁସ୍ତକ ବିକ୍ରୟ କେନ୍ଦ୍ର ଖୋଲିଲା

- ୨୪ ଭାଷାରେ ମିଳିବ ପୁସ୍ତକ
- ଦିଲ୍ଲୀରୁ ଭୁବନେଶ୍ୱର ସ୍ଥାନାନ୍ତର ହେବ ଆଦିବାସୀ ଉନ୍ନୟନ କେନ୍ଦ୍ର
- ରାଜ୍ୟ ସଂଗ୍ରହାଳୟରେ ହେବ ଡଲସ୍ ଗ୍ୟାଲେରି, କାଫେଟେରିଆ

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ରାଜ୍ୟ ସଂଗ୍ରହାଳୟ ପରିସରରେ ପୁସ୍ତକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଠାରେ ଏକାଡେମୀର ସମସ୍ତ ପୁସ୍ତକ ୨୪ ଭାଷାରେ ଉପଲବ୍ଧ ହେବ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବରିଷ୍ଠ କବି ରମାକାନ୍ତ ରଥ କହିଛନ୍ତି, ଭାଷା ବିଭିନ୍ନ ହୋଇପାରେ ମାତ୍ର ସାହିତ୍ୟ ଏକ। ସାହିତ୍ୟ ଭିନ୍ନ ଭିନ୍ନ ଭାଷାରେ ଲେଖା ହେଲେ ବି ସାହିତ୍ୟ ଗୋଟିଏ। ଆମ ଦୈନନ୍ଦିନ ଜୀବନର ପ୍ରବେଶ ଦ୍ୱାର ହେଉଛି ସାହିତ୍ୟ। ତେଣୁ ଏହାକୁ ଉପଯୁକ୍ତ ମର୍ଯ୍ୟାଦା ନ ଦେଲେ ଆମ ଜୀବନ ସାର୍ଥକ ହେବ ନାହିଁ। ପୁସ୍ତକ ବିକ୍ରୟ ଉପରୁ ଏବେ ଆଗ୍ରହ ଚାଲିଗଲାଣି। ପୂର୍ବରୁ ଯେଉଁ ସ୍ଥାନରେ ପୁସ୍ତକ ବିକ୍ରି ହେଉଥିଲା ଏବେ ସେଠାରେ ମୋବାଇଲ, ଜୁଏଲେରୀ ଭଳି ଅନ୍ୟ ସାମଗ୍ରୀ ବିକ୍ରି ହେଉଛି। ସାହିତ୍ୟ ହେଉଛି ଜାତିର ପ୍ରାଣ। ମାତ୍ର ଏହାକୁ ଏପରି ପଛକୁ ଠେଲି ଦିଆଯାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ।

ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ଶାଖାର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେସ୍ କହିଲେ, ଆଦିବାସୀଙ୍କ ଉନ୍ନୟନ ପାଇଁ ଦିଲ୍ଲୀରେ ଥିବା କେନ୍ଦ୍ରକୁ ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବ। ଏହି କେନ୍ଦ୍ର ରାଜ୍ୟ ସଂଗ୍ରହାଳୟ ପରିସରରେ ଖୋଲିବା ସହ ପୁସ୍ତକ ବିକ୍ରୟ କେନ୍ଦ୍ର ସହ ମିଶି କାମ କରିବ ବୋଲି ସେ ସୂଚନା ଦେଇଥିଲେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ଏକାଡେମୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସଂଗ୍ରହାଳୟରେ ହେବାକୁ ଥିବା ମହାତ୍ମା ଗାନ୍ଧୀ ଗ୍ୟାଲେରି, ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରି, କଣ୍ଟେମ୍ପରାରି ଆର୍ଟ ଗ୍ୟାଲେରି, ରୟାଲ ହିଷ୍ଟ୍ରି ଗ୍ୟାଲେରି ଆଦି ୫ ଗ୍ୟାଲେରି ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ସେଠାରେ ଆଗାମୀ ଦିନରେ ଛୋଟପିଲାଙ୍କ ପାଇଁ ଡଲସ୍ ଗ୍ୟାଲେରି ଓ କାଫେଟ୍‌ରିଆର ବ୍ୟବସ୍ଥା ହେବ ବୋଲି କହିଥିଲେ।

ଦିଲ୍ଲୀ ସାହିତ୍ୟ ଏକାଡେମୀର ସଚିବ କେ.ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ଏପରି ପଦକ୍ଷେପ ନେଉଥିବା କହିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀର ଆବାହକ ବିଜୟାନନ୍ଦ ସିଂ, ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।